# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 18 January – 2026

*******************************

## ମୁଖ୍ୟ ସମ୍ବାଦ

- କଳାହାଣ୍ଡି ଜିଲ୍ଲାରେ ଆଜି ଅପରାହ୍ନରେ ୮୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ମୁଖ୍ୟମନ୍ତ୍ରୀ
- ୨୦୨୭ ମସିହା ସୁଦ୍ଧା ରାଜ୍ୟରେ ୫୦ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବା ପାଇଁ ରାଜ୍ୟ ସରକାରଙ୍କ ଲକ୍ଷ୍ୟ; କହିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା
- ହୀରାକୁଦ, ଚିଲିକା ଓ ପୁରୀ ବନ୍ୟପ୍ରାଣୀ ଡିଭିଜନ୍‌ରେ ଚାଲିଛି ପକ୍ଷୀଗଣନା; ଚାନ୍ଦବାଲି ବନ୍ୟପ୍ରାଣୀ ବନଖଣ୍ଡରେ ଶେଷ ହେଲା କୁମ୍ଭୀର ଗଣନା

ଏବଂ

- ୨୦୨୫ ମସିହା ଥିଲା ପୃଥିବୀର ଦ୍ୱିତୀୟ ସର୍ବାଧିକ ଉତ୍ତପ୍ତ ବର୍ଷ; ରାଜ୍ୟରେ ଆଜିଠାରୁ ହ୍ରାସ ପାଇବ ଶୀତର ପ୍ରଭାବ

Kalahandi

## ମୁଖ୍ୟମନ୍ତ୍ରୀ– କଳାହାଣ୍ଡି ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଅପରାହ୍ନରେ କଳାହାଣ୍ଡି ଜିଲ୍ଲା ଗସ୍ତ କରି ୮୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ।  ଭବାନୀପାଟଣାଠାରେ ଆୟୋଜିତ ୨୮ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୬ର ଉଦ୍‌ଯାପନୀ ସନ୍ଧ୍ୟାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଜିଲ୍ଲାବାସୀଙ୍କୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି।  ସାମାଜିକ ଗଣମାଧ୍ୟମରେ ବିବୃତି ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ପ୍ରତ୍ୟେକ ଅଞ୍ଚଳରେ ବିକାଶ ପହଁଞ୍ଚାଇବା ସହ ଏକ ସଶକ୍ତ ଓ ସମୃଦ୍ଧ ଓଡ଼ିଶା ଗଠନ କରିବା ସରକାରଙ୍କର ମୁଖ୍ୟ ଲକ୍ଷ୍ୟ। ରାଜ୍ୟର ପ୍ରଗତି ପଥକୁ ଅଧିକ ପ୍ରଶସ୍ତ କରିବା ଲାଗି ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିକାଶମୂଳକ ପଦକ୍ଷେପଗୁଡ଼ିକ କଳାହାଣ୍ଡିବାସୀଙ୍କର ଜୀବନଧାରଣର ମାନରେ ଉନ୍ନତି ଆଣିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

Desk

# ପ୍ରଭାତି ପରିଡ଼ା–ଲକ୍ଷପତି ଦିଦି

ଆସନ୍ତା ୨୦୨୭ସୁଦ୍ଧା ରାଜ୍ୟରେ ୫୦ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି । ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାଠାରେ ଆୟୋଜିତ ୭ଦିନିଆ ଜିଲ୍ଲାସ୍ତରୀୟ ପଲ୍ଲୀଶ୍ରୀ ମେଳା ଓ ମହୋତ୍ସବକୁ ଗତକାଲି ଉଦ୍‌ଘାଟନ କରି ଶ୍ରୀମତୀ ପରିଡ଼ା କହିଛନ୍ତି ନାରୀ ଅଦାଲତ ଏବଂ ସୁଭଦ୍ରା ଶକ୍ତିକେନ୍ଦ୍ର ଦ୍ୱାରା ଗ୍ରାମାଞ୍ଚଳ ଅର୍ଥନୀତି ଗତିଶୀଳ ହୋଇଛି । ଓରମାସ, ମିଶନଶକ୍ତି ବିଭାଗ ଓ

ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଟିଏଲ୍‌ସି ରୋଡ଼ ବିଡିଏ ପଡ଼ିଆରେ ଏହି ମେଳା ଅନୁଷ୍ଠିତ ହେଉଛି ।

## ରେଳପଥ

ଚଳିତବର୍ଷ ଶେଷ ସୁଦ୍ଧା ଖୋର୍ଦ୍ଧା-ବଲାଙ୍ଗିର ରେଳପଥ ସମ୍ପୂର୍ଣ୍ଣ କରିବା ନେଇ ପ୍ରୟାସ ଜାରି ରହିଛି ବୋଲି ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୁଓ୍ୱାଲା କହିଛନ୍ତି। ରେଳପଥର ଅଗ୍ରଗତି ସମ୍ପର୍କରେ ସମୀକ୍ଷା ପାଇଁ ଦଶପଲ୍ଲାକୁ ପରିଦର୍ଶନରେ ଯାଇଥିବାବେଳେ ଶ୍ରୀ ଫୁଙ୍କୁଓ୍ୱାଲା ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ରେଳପଥର ନୟାଗଡ ଜିଲ୍ଲାରେ ଥିବା ୩ଟି ଟନେଲ ଏବଂ ବୌଦ୍ଧ ଜିଲ୍ଲାରେ ୪ଟି ଟନେଲ କାର୍ଯ୍ୟ ଜାରି ରହିଥିବା ସେ ସୂଚନା ଦେଇଛନ୍ତି ।

## ଉନ୍ନୟନ କମିଟି ବୈଠକ

ଚଳିତ ଶିକ୍ଷାବର୍ଷର ଚତୁର୍ଥ ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ ଏବଂ ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ ଗତକାଲି ସମଗ୍ର ରାଜ୍ୟରେ ଅନୁଷ୍ଠିତ ହୋଇଯାଇଛି । ପଢ଼ିବା, ଗଢ଼ିବା ଓଡ଼ିଶା, ପଠନ ପ୍ରୋତ୍ସାହନ ଅଭିଯାନ, ଡିଜିଟାଲ ଶିକ୍ଷା, ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କ ପାଇଁ ରହିଥିବା ସୁବିଧା ସୁଯୋଗ ଏବଂ ଛାତ୍ରଛାତ୍ରୀଙ୍କୁ ପ୍ରଗତି ନେଇ ବିଭିନ୍ନ ପ୍ରସଙ୍ଗରେ ବୈଠକରେ ମତ ବିନିମୟ ହୋଇଛି । ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ବିକାଶ ତଥା ବିଦ୍ୟାଳୟ ଉନ୍ନତିକରଣ ଲକ୍ଷ୍ୟନେଇ ରାଜ୍ୟବ୍ୟାପୀ ଗୋଟିଏ ଦିନରେ ଅଭିଭାବକ ଶିକ୍ଷକ ସମ୍ମିଳନୀ ଆୟୋଜିତ ହୋଇଥାଏ ।

Desk

# ମୁଖ୍ୟମନ୍ତ୍ରୀ– ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତାକାଲି ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଜନଶୁଣାଣି ବନ୍ଦ ରହିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି। ପରବର୍ତ୍ତୀ ଜନଶୁଣାଣି ବାବଦରେ ସୂଚନା ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ସରକାରୀ ସୂଚନା ଅନୁସାରେ, ସରକାରଙ୍କ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ୧୭ଟି ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ପ୍ରାୟ ୯୫ ପ୍ରତିଶତ ଅଭିଯୋଗର ସମାଧାନ ହୋଇପାରିଛି।

Desk

# କୃଷି ଓଡ଼ିଶା ସମ୍ମିଳନୀ

କୃଷି ଓଡ଼ିଶା ୨୦୨୬ ସମ୍ମିଳନୀ ଆସନ୍ତା ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ବରମୁଣ୍ଡା ବିଜୁପଟ୍ଟନାୟକ ଖେଳପଡ଼ିଆଠାରେ ଅନୁଷ୍ଠିତ ହେବ । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ସମ୍ମିଳନୀର ଚଳିତବର୍ଷର ବିଷୟବସ୍ତୁ ରହିଛି ଅନ୍ତର୍ଭୁକ୍ତିକରଣ ମାଧ୍ୟମରେ ସହନଶୀଳ କୃଷି । ଏହାର ପ୍ରସ୍ତୁତି ନେଇ ଗତକାଲି ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ।

Khurda/Puri

# ପକ୍ଷୀ ଗଣନା

ଚିଲିକା ବନ୍ୟପ୍ରାଣୀ ଡିଭିଜନ ଓ ପୁରୀ ବନ୍ୟପ୍ରାଣୀ ଡିଭିଜନ୍‌ରେ ପକ୍ଷୀ ଗଣନା କାର୍ଯ୍ୟ ଆଜିଠାରୁ ଆରମ୍ଭ ହୋଇଛି । ମୋଟ୍ ୨୨ଟି ଦଳ ଗଣନା କାର୍ଯ୍ୟରେ ନିୟୋଜିତ ଅଛନ୍ତି । ବାଲୁଗାଁ ନିକଟ ବଡ଼କୂଳସ୍ଥିତ ସିଡିଏ ଆର୍ଦ୍ରଭୂମି ଗବେଷଣା କେନ୍ଦ୍ର ସମ୍ମିଳନୀ କକ୍ଷରେ ଗତକାଲି ୧୨୦ ଜଣ ଗଣନାକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ପୁରୀ ଡିଭିଜନ୍‌ର ଗୋପ, କାକଟପୁର, କୋଣାର୍କ, ବାଲୁଖଣ୍ଡ ଏବଂ ବ୍ରହ୍ମଗିରି ରେଞ୍ଜରେ ପକ୍ଷୀ ଗଣନା କରାଯାଉଛି । ସେହିପରି ଚିଲିକା ଡିଭିଜନ୍‌ରେ ବାଲୁଗାଁ, ରମ୍ଭା, ନୂଆପଡ଼ା, ସାତପଡ଼ା ଓ ଟାଙ୍ଗୀରେ ଗଣନକାରୀ ଦଳ ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି । ବାଇନାକୁଲାର ଓ ଫଟୋଗ୍ରାଫି ସାହାଯ୍ୟରେ ପକ୍ଷୀଙ୍କ ଗତିବିଧି ଅନୁଧ୍ୟାନ କରାଯାଉଛି ବୋଲି ଚିଲିକା ବନଖଣ୍ଡ ଅଧିକାରୀ ଅମ୍ଲାନ ନାୟକ କହିଛନ୍ତି...

**- V/O -**

ଚିଲିକାରେ ଇରାବାଡ଼ି ପ୍ରଜାତିର ଡଲଫିନ ଗଣନା ଆସନ୍ତା ୨୦ ରୁ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ ।

Desk

# ହୀରାକୁଦ–ପକ୍ଷୀ ଗଣନା

ହୀରାକୁଦ ଜଳଭଣ୍ଡାରରେ ପକ୍ଷୀଗଣନା କାର୍ଯ୍ୟ ଆରମ୍ଭ ହୋଇଛି । ହୀରାକୁଦ ବନ୍ୟାପ୍ରାଣୀ ଡିଭିଜନ ପକ୍ଷରୁ ସକାଳ ୬ଟାରୁ ଆରମ୍ଭ ହୋଇଥିବା ଏହି ଗଣନା କାର୍ଯ୍ୟ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିବ । ଜଳଭଣ୍ଡାରର ୫୩୩ ବର୍ଗ କିଲୋମିଟର ଅଞ୍ଚଳରେ ପକ୍ଷୀଗଣନା ପାଇଁ ମୋଟ୍ ୩୨ଟି ଦଳ ଗଠନ କରାଯାଇଛି । ଗତବର୍ଷ ହୀରାକୁଦକୁ ୧୨୨ ପ୍ରଜାତିର ୩ଲକ୍ଷ ୭୭ହଜାର ୭୩୨ ପକ୍ଷୀ ଆସିଥିଲେ ।

BHK

## କୁମ୍ଭୀର ଗଣନା

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବନ୍ୟପ୍ରାଣୀ ବନଖଣ୍ଡରେ କୁମ୍ଭୀର ଗଣନା ଶେଷ ହୋଇଛି। ବୈତରଣୀ, ସାଳନ୍ଦୀ, ମନ୍ତେଇ ନଦୀରେ ସମୁଦାୟ ୪୮ଟି କୁମ୍ଭୀର ଥିବା ବନବିଭାଗ ପକ୍ଷରୁ କୁହାଯାଇଛି। କୁହୁଡ଼ି ଏବଂ ଶୀତ ଲାଗି ରହିଥିବାରୁ କୁମ୍ଭୀରଗୁଡ଼ିକ ନଦୀ ପଠାକୁ ଆସୁ ନ ଥିବା ବନବିଭାଗ ଅଧିକାରୀ କହିଛନ୍ତି। ଧାମନଗର, ଚାନ୍ଦବାଲି, ବାସୁଦେବପୁର ବନଖଣ୍ଡ ଅଧୀନରେ ୮ଟି ଦଳ ଗଣନା କାର୍ଯ୍ୟରେ ନିୟୋଜିତ ହୋଇଥିଲେ।

Ganjam

## ସାଂସ୍କୃତିକ ସମାରୋହ

ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଆନୁକୂଲ୍ୟରେ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର କଲିକତା ପକ୍ଷରୁ ଗଞ୍ଜାମ ଜିଲ୍ଲା ଗୋପଳପୁରଠାରେ ଦୁଇଦିନିଆ ଅମୃତକାଳ ସାଂସ୍କୃତିକ ସମାରୋହ ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଅମୃତକାଳ

ସାଂସ୍କୃତିକ ସମାରୋହ ମାଧମରେ ବିକଶିତ ଭାରତର ପରିକଳ୍ପନାକୁ ସାକାର କରାଯାଇପାରୁଛି। ଏହାଦ୍ୱାରା ଭାରତ ତଥା ଓଡ଼ିଶାର ସଂସ୍କୃତି, ନୃତ୍ୟ ସଙ୍ଗୀତ ଏବଂ ସ୍ଥାନୀୟ କଳାକାରମାନଙ୍କୁ ଉତ୍ସାହିତ କରାଯାଉଛି। ଜିଲ୍ଲାପାଳ ଭି.କୀର୍ତ୍ତିଭାସନ ଏହି ସମାରୋହକୁ ଉଦ୍‌ଘାଟନୀ କରି ଗଞ୍ଜାମର ସାଂସ୍କୃତିକ ଇତିହାସ ଗରିମାମୟ ବୋଲି କହିଥିଲେ। କଳାକାରମାନଙ୍କ ପକ୍ଷରୁ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ।

Jajpur

## ସଂରକ୍ଷଣ ପୁରସ୍କାର

ଯାଜପୁର ଜିଲ୍ଲାର ବିଞ୍ଝାରପୁରୀ ଗୋ-ପ୍ରଜାତି ପ୍ରୋତ୍ସାହକ ଓ ଉତ୍ପାଦକ ସମିତି ବିଞ୍ଝାରପୁରୀ ପ୍ରଜାତିର ଗାଇମାନଙ୍କ ସଂରକ୍ଷଣ ଓ ଉନ୍ନତିରେ ବଳିଷ୍ଠ ଅବଦାନ ପାଇଁ ଜାତୀୟ ପ୍ରଜାତି ସଂରକ୍ଷଣ ପୁରସ୍କାର-୨୦୨୫ରେ ପ୍ରଥମ ସ୍ଥାନ ଅଧିକାର କରିଛି। ନୂଆଦିଲ୍ଲୀଠାରେ ଆୟୋଜିତ ଏକସ୍ୱତନ୍ତ୍ର ଉତ୍ସବରେ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ ଏହି ପୁରସ୍କାର ପ୍ରଦାନ କରିଛନ୍ତି।

Dhenkanal

## ପଲ୍ଲିଶ୍ରୀ ମେଳା

ଢେଙ୍କାନାଳ ମହୋତ୍ସବ ମହିଷାପାଟ ପଲ୍ଲିଶ୍ରୀ ପଡ଼ିଆରେ ଆସନ୍ତା ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଏ ସମ୍ପର୍କରେ ସୂଚନା ଦେଇ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ କହିଛନ୍ତି, ଏହି ମହୋତ୍ସବ ଏକ ମେଗା ସାଂସ୍କୃତିକ ଏବଂ ପ୍ରଚାର ମୂଳକ କାର୍ଯ୍ୟକ୍ରମ ଭାବରେ ଆୟୋଜିତ

ହେବ। ଏଥିରେ ସ୍ୱଦେଶୀ ମେଳା, ପଲ୍ଲିଶ୍ରୀ ମେଳା ଏବଂ ସୁଭଦ୍ରା ଶକ୍ତି ମେଳାକୁ ଏକ ସଙ୍ଗରେ ସଂଯୋଜିତ କରାଯିବ। ଏଥିସହ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ପ୍ରଦର୍ଶନ କରାଯିବ। ସରକାରୀ ବିଭାଗର ୩୦୦ଟି ଷ୍ଟଲ୍ ଏହି ମେଳାରେ ସ୍ଥାନ ପାଇବ। ଜିଲ୍ଲାପାଳ କହିଛନ୍ତି, ଏକ ସ୍ୱତନ୍ତ୍ର ମଞ୍ଚରେ ବାଜି ରାଉତଙ୍କ ଜୀବନୀ ଏବଂ ବଳିଦାନ ଉପରେ ନାଟକ ମଞ୍ଚସ୍ଥ କରାଯିବ।

Kandhamal

## ସଡ଼କ ଦୁର୍ଘଟଣା

କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦର ଥାନା ଅନ୍ତର୍ଗତ ଦାତପାଜୁ ଗ୍ରାମ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ମାଣିଆ କାଠିକୁ ଯାଉଥିବା ଏକ ଅଟୋ ସହ ଫୁଲବାଣୀ ପଟୁ ଆସୁଥିବା ଏକ କାର ଗତକାଲି ରାତିରେ ଧକ୍କା ହେବାରୁ ଅଟୋରେ ନିଆଁ ଲାଗି ଯାଇଥିଲା। ଘଟଣାସ୍ଥଳରେ ଦମକଳ ବାହିନୀ ପହଁଞ୍ଚି ନିଆଁକୁ ଆୟତ୍ତ କରିଛି। ଗୁରୁତର ଆହତଙ୍କୁ ଫୁଲବାଣୀ ମେଡିକାଲରେ ଚିକିତ୍ସା କରାଯାଉଛି।

Ganjam

## ଜଳସେଚନ ପ୍ରକଳ୍ପ

ଗଞ୍ଜାମ ଜିଲ୍ଲା ଘୋଡ଼ାହାଡ଼ ନଦୀ ଅବବାହିକାର କଣ୍ଡେଇକୋଳି ନାଳରେ ୧ କୋଟ ୧୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଜଳସେଚନ ପ୍ରକଳ୍ପକୁ ବିଧାୟକ ଡାକ୍ତର ସିଦ୍ଧାନ୍ତ କୁମାର ମହାପାତ୍ର

ଶିଳାନ୍ୟାସ କରିଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ କଇଠଖଣ୍ଡି ଓ ନିମଖଣ୍ଡି ପେଣ୍ଠ ପଞ୍ଚାୟତର ପ୍ରାୟ ୧୦୦ ହେକ୍ଟର ଚାଷ ଜମିକୁ ଜଳସେଚନ କରାଯାଇପାରିବ।

Desk

## ଉତ୍ତପ୍ତ ବର୍ଷ

ବିଶ୍ୱ ପାଣିପାଗ ସଂଗଠନର ସୂଚନା ଅନୁସାରେ ୨୦୨୫ ମସିହା ହେଉଛି ପୃଥିବୀର ଦ୍ୱିତୀୟ ସର୍ବାଧିକ ଉତ୍ତପ୍ତ ବର୍ଷ। ପ୍ରାକ୍ ଶିଳ୍ପ ଯୁଗର ହାରାହାରି ତାପମାତ୍ରାଠାରୁ ପ୍ରାୟ ୧ ଦଶମିକ ୮ ଡିଗ୍ରୀ ସେଲସିୟସ ତାପମାତ୍ରା ଗତବର୍ଷ ଅଧିକ ଥିଲା। ଅନ୍ୟପକ୍ଷରେ ଜୀବାଶ୍ମ ଇନ୍ଧନ ନିର୍ଗମନ ଗତବର୍ଷ ଆଉ  ଏକ ରେକର୍ଡ ସୃଷ୍ଟି କରିଛି। ୨୦୨୫ ମସିହାରେ ଅନେକ ଅଞ୍ଚଳରେ ଶକ୍ତିଶାଳୀ ଝଡ଼, ଜଙ୍ଗଲ ନିଆଁ ଏବଂ ଉତ୍ତାପ ଅନୁଭୂତ ହୋଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ୟୁରୋପରେ ୧୬ ହଜାର ୫୦୦ ଜଣଙ୍କର ମୃତ୍ୟୁ ହୋଇଥିବା ରିପୋର୍ଟରେ କୁହାଯାଇଛି।

MET

## ତାପମାତ୍ରା

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆଜିଠାରୁ ରାଜ୍ୟରେ ଶୀତର ପ୍ରଭାବ କମିବା ଆରମ୍ଭ ହେବ। ରାତି ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଅନୁଗୁଳ ଏବଂ ଝାରସୁଗୁଡ଼ା ଜିଲ୍ଲାର ଗୋଟିଏ ଦୁଇଟି ଜାଗାରେ ଥଣ୍ଡାର ପରିମାଣ ଅଧିକା ରହିବ। କଳାହାଣ୍ଡି ଜିଲ୍ଲାରେ ମଧ୍ୟ କିଛି ସ୍ଥାନରେ କୁହୁଡ଼ି ଦୃଶ୍ୟମାନ ହେବ।

ଗତ ୨୪ ଘଣ୍ଟା ମଧ୍ୟରେ ପାରଳାଖେମୁଣ୍ଡିରେ ସର୍ବାଧିକ ୩୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀରେ ସବୁଠାରୁ ୫ ଦଶମିକ ୮ ଡିଗ୍ରୀ ସେଲ୍‌ସିୟସ ଥିଲା ।